# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 February – 2026

*******************************

## ମୁଖ୍ୟ ସମ୍ବାଦ

- ମାତୃଭାଷାରେ ଉଚ୍ଚଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ନେଇ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ

- ବିଧାନସଭାର ବଜେଟ୍ ଅଧିବେଶନର ଚତୁର୍ଥ ଦିନରେ ବିରୋଧୀ ସଦସ୍ୟଙ୍କ ଧାନକ୍ରୟ ଓ ଚାଷୀ ପ୍ରସଙ୍ଗରେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ

— ଆଗାମୀ ଆର୍ଥିକବର୍ଷ ପାଇଁ ଗୃହରେ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

- ମେଡିକାଲ, ଇଞ୍ଜିନିୟରିଂ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ପଛୁଆବର୍ଗଙ୍କ ସଂରକ୍ଷଣ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ

ଏବଂ

- ବିଭିନ୍ନ ବିଭାଗ ଓ ନିଗମଗୁଡ଼ିକ ନିଯୁକ୍ତି ପ୍ରକ୍ରିୟାରେ ତୃତୀୟଲିଙ୍ଗୀଙ୍କ ବିକଳ୍ପ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

## ପିଏମ୍-ଷ୍ଟାଟ୍ଅପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ସେବାତୀର୍ଥରେ ଏଆଇ ଏବଂ ଡିପ୍‌ଟେକ୍ ଷ୍ଟାଟ୍‌ଅପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହ ଗୋଲଟେବୁଲ ବୈଠକ କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ କୃଷି, ପରିବେଶ ସୁରକ୍ଷା ଏବଂ ମାତୃଭାଷାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏଆଇ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି । ଶ୍ରୀ ମୋଦୀ ଭାରତର ଆବଶ୍ୟକତା ଅନୁଯାୟୀ ତଥ୍ୟ ପରିଚାଳନା ଏବଂ ଅମୂଳକ ସୂଚନା ବିରୋଧରେ ସତର୍କତା ରକ୍ଷା ଲାଗି ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ କହିଛନ୍ତି । ପ୍ରଧାନମନ୍ତ୍ରୀ ଭାରତର ଦେୟ ବ୍ୟବସ୍ଥା ୟୁପିଆଇକୁ ଏକ ସରଳ ଏବଂ ସହଜ ଡିଜିଟାଲ ନବସୃଜନ ବୋଲି ଅଭିହିତ କରି ଭାରତୀୟ କମ୍ପାନୀ ଗୁଡ଼ିକ ଉପରେ ଆସ୍ଥାସ୍ଥାପନ କରିଛନ୍ତି । ମହାକାଶ କ୍ଷେତ୍ରରେ ଘରୋଇ ଯୋଗଦାନ ଏବଂ ଭାରତୀୟ ଷ୍ଟାଟ୍‌ଅପ୍ ଗୁଡ଼ିକରେ ନିବେଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ଗୋଲଟେବୁଲ ବୈଠକରେ ୧୬ଟି କୃତ୍ରିମ ବୁଦ୍ଧିମତା ସମ୍ପନ୍ନ କମ୍ପାନୀ ଓ ଡିପ୍‌ଟେକ୍ ଷ୍ଟାଟ୍‌ଅପର ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ ।

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଆଜି ଚତୁର୍ଥ ଦିନରେ ଧାନକ୍ରୟ ଓ ଚାଷୀ ପ୍ରସଙ୍ଗକୁ ନେଇ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।

ବାରମ୍ବାର ଅସୁବିଧା ଉପୁଜିବାରୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ। ଚେଷ୍ଟା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।  ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡ଼ି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ହାତରେ ପ୍ଲା-କାର୍ଡ ଧରି ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ।  ହଟ୍ଟଗୋଳ କାରଣରୁ ବାଚସ୍ପତି ପ୍ରଥମେ ୧୦ଟା ୩୬ରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ୧୧ଟା ୩୦ରେ ଗୃହକାର୍ଯ୍ୟ ପୁନଃ ଆରମ୍ଭ ହେବା ମାତ୍ରେ ସମାନ ଢ଼ଙ୍ଗରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ବଜେଟ୍ ଉପସ୍ଥାପନ କରିବେ ।

ବଜେଟର ପରିମାଣ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ବିଧାନସଭାରେ ଅପରାହ୍ଣ ୪ଟାରେ ବଜେଟ୍ ଆଗତ ପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ବଜେଟ୍ ସଂକ୍ରାନ୍ତରେ ଗଣମାଧ୍ୟମକୁ ସମ୍ବୋଧନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହା ତୃତୀୟ ବଜେଟ୍ ଉପସ୍ଥାପନ ହେବ । ୨୦୨୪-୨୫ ଆର୍ଥିକ ବର୍ଷରେ ଶ୍ରୀ ମାଝୀ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଥିବା ବେଳେ ୨୦୨୫-୨୬ ଆର୍ଥିକ

ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଥିଲେ ।

## ସିଭିଲ ସର୍ଭିସ୍

ରାଜ୍ୟର ସମସ୍ତ ସରକାରୀ ବିଭାଗ ଓ ନିଗମଗୁଡ଼ିକର ନିଯୁକ୍ତି ପ୍ରକ୍ରିୟାରେ ତୃତୀୟ ଲିଙ୍ଗ ବିକଳ୍ପ ସୁନିଶ୍ଚିତ କରିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶାବଳୀର ଅନୁପାଳନ ରିପୋର୍ଟ ୬୦ ଦିନ ମଧ୍ୟରେ ଦାଖଲ କରିବାକୁ ଓଡ଼ିଶା ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ରହିଛି। ଓଡ଼ିଶା ସିଭିଲ ସର୍ଭିସେସ୍ ପରୀକ୍ଷା-୨୦୨୫ ବିଜ୍ଞପ୍ତିରେ ସଂଶୋଧନ କରାଯାଇ ତୃତୀୟ ଲିଙ୍ଗ ବିକଳ୍ପ ଆବେଦନ ଫର୍ମରେ ଯୋଡାଯାଇଛି। ଏହି ବର୍ଗର ପ୍ରାର୍ଥୀଙ୍କୁ ପରୀକ୍ଷାରେ ସୁଯୋଗ ଦେବାଲାଗି ପଞ୍ଜୀକରଣ ଓ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ଯଦି ତୃତୀୟ ଲିଙ୍ଗ ମାନ୍ୟତା ପାଇବା ପରେ ପ୍ରାର୍ଥୀଙ୍କ ନାମରେ କୌଣସି ପରିବର୍ତ୍ତନ ହୋଇଥାଏ, ତେବେ ସେ ସଂପର୍କିତ ଦସ୍ତାବିଜ ଦାଖଲ କରିବା ଅନିବାର୍ଯ୍ୟ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଆସନ୍ତା ମାର୍ଚ୍ଚ ମାସ ୭ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଆବେଦନର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

## ବିଧାନସଭା-ସଂରକ୍ଷଣ ବ୍ୟବସ୍ଥା

ରାଜ୍ୟରେ ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ ବୋଲି ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଗୃହରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଗଣ୍ଡ କହିଛନ୍ତି, ସଂରକ୍ଷଣ

ବ୍ୟବସ୍ଥା ପାଇଁ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରାଧୀନରେ ରହିଛି। ପଛୁଆବର୍ଗଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧ ଦଶମିକ ୫ ପ୍ରତିଶତ ସଂରକ୍ଷଣ ଦିଆଯାଉଛି। ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ୨୨ ଦଶମିକ ୫/୦ ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ୧୬ ଦଶମିକ ୨/୫ ପ୍ରତିଶତ ସଂରକ୍ଷଣ ଲାଗୁ ହୋଇଛି।

## ବିଧାନସଭା-ଡ୍ରାମା ସ୍କୁଲ

ରାଜ୍ୟରେ ଜାତୀୟ ଡ୍ରାମା ସ୍କୁଲ ନିର୍ମାଣ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଗୃହରେ ଆଜି ସଦସ୍ୟ ପ୍ରଦୀପ କୁମାର ସାହୁଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରୀ ସୂରଜ କହିଛନ୍ତି, ରାଜ୍ୟରେ ନାଟକର ଉନ୍ନତି ପ୍ରଚାର-ପ୍ରସାର ଜାତୀୟ ନାଟୋତ୍ସବ, ଅନ୍ତଜାତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଓଡ଼ିଆ ନାଟକ ରାଜ୍ୟ ଓ ରାଜ୍ୟ ବାହାରେ ଆୟୋଜନ କରାଯାଉଛି। ଆଗାମୀ ଦିନରେ ଜାତୀୟ ଡ୍ରାମା ସ୍କୁଲ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

## ବିଧାନସଭା-କୁଳପତି

ରାଜ୍ୟର ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟ କାମଚଳା କୁଳପତିରେ ଚାଲିଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଗୃହରେ ଏହି ସଂକ୍ରାନ୍ତରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସୂରଜ କହିଛନ୍ତି, କୁଳପତି ପଦବୀ ପୂରଣ ନିମନ୍ତେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍-୨୦୨୪ ଧାରା ୬ ଅନୁଯାୟୀ, ୧୩ଟି ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ଚୟନ ନିମନ୍ତେ

କୁଳାଧିପତିଙ୍କ ଦ୍ୱାରା ଚୟନ କମିଟି ଗଠନ କରାଯାଇଛି। ଏଥିସହ ବିଜ୍ଞାପନ ମାଧ୍ୟମରେ ସଂପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଚୟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇ ଚୟନ କମିଟି ଦ୍ୱାରା ଏହି ଦରଖାସ୍ତଗୁଡ଼ିକର ତର୍ଜମା ଶେଷ ହୋଇଛି। ଚୟନ କମିଟି କୁଳପତି ଚୟନ ନିମନ୍ତେ ୩ଟି ନାମ ସୁପାରିଶ କରିଛନ୍ତି।

## ଜଳବାୟୁ ମୁକାବିଲା

ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସରକାର ଜଳ, ଜଙ୍ଗଲ, ଜମି, ଜୀବଜନ୍ତୁ ଓ ଜନସାଧାରଣଙ୍କ ଉପରେ ପ୍ରାଥମିକତା ଦେଉଛନ୍ତି ବୋଲି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି। ଭୁବନେଶ୍ୱର ଇଡ୍କୋ ପ୍ରଦର୍ଶନୀ ପଡିଆରେ ଏକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଶ୍ରୀ ମଲ୍ଲିକ୍ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସ୍ୱଚ୍ଛ ଶକ୍ତି ଆଡକୁ ଅଗ୍ରସର ହେବା ଜରୁରୀ ହୋଇପଡିଛି। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ସଂସ୍ଥାଗୁଡ଼ିକୁ ରାଜ୍ୟରେ ନିବେଶ କରିବାକୁ ମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ପ୍ରତି ଜିଲ୍ଲାରେ ସରକାର ଏମ୍ଏସ୍ଏମ୍ଇ ପାର୍କ ସ୍ଥାପନ କରୁଛନ୍ତି। ପାର୍କରେ ସ୍ୱଚ୍ଛଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ନିଜ କାରଖାନା ସ୍ଥାପନ କରିବେ। ସରକାର ସେମାନଙ୍କୁ ଜମି ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ସହିତ ସବ୍‌ସିଡି, କ୍ରେଡିଟ୍ ଗ୍ୟାରେଣ୍ଟି ଓ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସମୟରେ ରାଜ୍ୟରେ ୫ ହଜାରରୁ ଊର୍ଦ୍ଧ୍ୱ ଏମ୍ଏସ୍ଏମ୍ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ତି।

## ଅନାସ୍ଥା ପ୍ରସ୍ତାବ

**ନବରଙ୍ଗପୁର** ଜିଲ୍ଲା ପାପଡାହାଣ୍ଡି ବ୍ଲକ୍ ମଇଦଲପୁର ସରପଞ୍ଚ ଅନାସ୍ଥା ପ୍ରସ୍ତାବରେ ପଦ ହରାଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳ ମଇଦଲପୁର ପଂଚାୟତର କାର୍ଯ୍ୟ ତୁଲାଇବା ପାଇଁ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ଦେଇଛନ୍ତି। ମଇଦଲପୁର ଚନ୍ଦ୍ରଧ୍ୱଜ ମାଝୀ ସରପଞ୍ଚ ଥିବାବେଳେ ଗତବର୍ଷ ନଭେମ୍ବର ୧୧ ତାରିଖରେ ପଞ୍ଚାୟତର ଅଧିକାଂଶ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

## ଗ୍ରୀଷ୍ମ ମୁକାବିଲା

ରାଜ୍ୟରେ ଅନେକ ସ୍ଥାନରେ ବର୍ତ୍ତମାନ ତାପମାତ୍ରା ୩୦ ଡିଗ୍ରୀ ଉପରେ ରହୁଛି ଏବଂ ଆଗାମୀ ଦିନରେ ଏହା ବୃଦ୍ଧି ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ କରାଯାଇଛି। ଗ୍ରୀଷ୍ମ ମୁକାବିଲା ନିମନ୍ତେ ଜିଲ୍ଲାରେ ଥିବା ହସ୍‌ପିଟାଲଗୁଡ଼ିକରେ ଆପାତକାଳୀନ ସେବା ଯୋଗାଇ ଦେବାକୁ ସିଡିଏମ୍‌ଓମାନଙ୍କୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସ୍ୱାସ୍ଥ୍ୟବିଭାଗ ପ୍ରସ୍ତୁତ ଏବଂ ଅଂଶୁଘାତକୁ ଏଡାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଚିକିତ୍ସାଳୟରେ ଔଷଧ, ସାଲାଇନ୍, ଓଆରଏସ୍ ପାଉଡର ପର୍ଯ୍ୟାପ୍ତ ପରିମାଣରେ ରଖିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଗୋଷ୍ଠି ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ କକ୍ଷ ସହିତ ଗ୍ରୀଷ୍ମପ୍ରବାହଜନିତ ସ୍ୱାସ୍ଥ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ନିଷ୍ପତ୍ତି ନିଆଯିବ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି।

## କୁଷ୍ଠ ସଚେତନତା

**ଗଞ୍ଜାମ** ଜିଲ୍ଲାର ଚିକିଟି ବ୍ଲକ୍‌ରେ ଗତ ଜାନୁୟାରୀ ୩୦ ତାରିଖରୁ ଆରମ୍ଭ ହୋଇଥିବା କୁଷ୍ଠ ସଚେତନତା ଅଭିଯାନ ଶେଷ ହୋଇଛି। ଚିକିଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଗାଁ କଲ୍ୟାଣ ସମିତି, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସଭାରେ କୁଷ୍ଠ ନିରାକରଣ ଉପରେ ଶପଥପାଠ କରାଯାଇଥିଲା।

## ଶ୍ରୀଅନ୍ନ ଯୋଜନା

**ଭଦ୍ରକ** ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଗୋପାଳପୁରଠାରେ ଶ୍ରୀଅନ୍ନ ଯୋଜନାରେ ମିଲେଟ୍ ଶକ୍ତି ଟିଫିନ୍ କେନ୍ଦ୍ର ଏବଂ ମାଣ୍ଡିଆ ଖାଦ୍ୟ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ସ୍ୱୟଂ ସହାୟକ ଦଳଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଦିଜବର ସେଠୀ ଯୋଗଦେଇ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ଉପକାରିତା ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ଶିବିର

**ଭଦ୍ରକ** ଜିଲ୍ଲା ଧାମନଗର ମହାବିଦ୍ୟାଳୟରେ ୧୦ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଅଧ୍ୟକ୍ଷ-ଅଧ୍ୟାପକ-ଅଧ୍ୟାପିକା ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା କରିବା ସହ ଅନ୍ୟମାନଙ୍କୁ ସାହସ, ବିଭିନ୍ନ କୌଶଳ ପ୍ରୟୋଗ କରି କିପରି ସୁରକ୍ଷିତ ରହିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

# ପାଣିପାଗ

ପୂର୍ବ ଭାରତ ମହାସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତିକରି ଦୁର୍ବଳ ହେବାର ସମ୍ଭାବନା ରହିଛି । ତେବେ ସେହି ସମୟ ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ।